# ଚାଲୁଣି କହୁଛି ଛୁଞ୍ଚିକୁ . . ଦ୍ୱିଜାତି ତତ୍ତ୍ୱ ଓ ଭାରତ ବିଭାଜନରେ ସଂଘ ପରିବାରର ଭୂମିକା

ନିକଟରେ ଆଡ୍‌ଭାନୀଙ୍କ ଜିନ୍ନା ସଂପର୍କିତ ମନ୍ତବ୍ୟକୁ କେନ୍ଦ୍ରକରି ସଂଘ ପରିବାର, ବିଶେଷକରି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଓ ବିଶ୍ୱ ହିନ୍ଦୁ ପରିଷଦ ସମେତ ଭାରତୀୟ ଜନତା ପାର୍ଟିର କେତେକ କଟ୍ଟରପନ୍ଥୀ ନେତାଙ୍କ ତରଫରୁ ଯେଉଁସବୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଲା, ତାହାର ସାରମର୍ମ ହେଉଛି, ମହମ୍ମଦ ଅଲି ଜିନ୍ନା, ଯେ କି ଦ୍ୱିଜାତି ତତ୍ତ୍ୱର ପ୍ରବର୍ତ୍ତକ ଏବଂ ଭାରତ ବିଭାଜନର ମୁଖ୍ୟ ଖଳନାୟକ, ତାଙ୍କୁ ଆଡ୍‌ଭାନୀ ପ୍ରଶଂସା କରି ସାରା ଭାରତବାସୀଙ୍କୁ ବିଶ୍ୱାସଘାତକତା କରିଛନ୍ତି । କିନ୍ତୁ ବିତର୍କକ୍ରମେ ଆର୍.ଏସ୍.ଏସ୍.ର ସଂଘ ସରଚାଳକ ଶ୍ରୀ କେ.ସୁଦର୍ଶନ ଜବାହରଲାଲ ନେହେରୁଙ୍କୁ ମଧ୍ୟ ଭାରତ ବିଭାଜନର ଅନ୍ୟତମ ଅପରାଧୀ ବୋଲି ଦର୍ଶାଇବାକୁ ପଛେଇନାହାନ୍ତି । ଇତିମଧ୍ୟରେ କ୍ଷମତାଲିପ୍‌ସୁ ନେହେରୁ ଓ ପଟେଲ୍ ପ୍ରମୁଖ ତୁଙ୍ଗ କଂଗେସ୍ ନେତୃବୃନ୍ଦଙ୍କ ଭୂମିକା ତଥା ସେମାନଙ୍କୁ ନିସହାୟ ଗାନ୍ଧିଙ୍କର ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ସମର୍ଥନ କିପରି ଜିନ୍ନାଙ୍କୁ ଭାରତ ବିଭାଜନ ଦାବୀ ଉପରେ ଅଡିବସିବା ପାଇଁ ରାସ୍ତା ପରିଷ୍କାର କରିଦେଲା, ସେ ସମ୍ବନ୍ଧରେ ଗଣମାଧ୍ୟମରେ ଅଳ୍ପବହୁତ ଆଲୋଚନା ହୋଇସାରିଲାଣି । କିନ୍ତୁ, ଦ୍ୱିଜାତି ତତ୍ତ୍ୱ ଓ ଭାରତ ଭିଭାଜନ ଦାବୀ ପରିପ୍ରେକ୍ଷିରେ ୧୯୧୫ରେ ଗଢାହୋଇଥିବା ହିନ୍ଦୁ ମହାସଭା ଏବଂ ୧୯୨୫ରେ ଗଢାହୋଇଥିବା ଆର୍.ଏସ୍.ଏସ୍.ର ଭୂମିକା କ'ଣ ହୋଇଛି, ତାହା ସବିଶେଷ ଜାଣିବା ବର୍ତ୍ତମାନ ଜରୁରୀ ହୋଇ ପଡିଛି । ନଚେତ୍, ଦେଶର ନୂତନ ପୀଢି ମନେକରି ପାରନ୍ତି, ଅନ୍ୟମାନଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଥିବା ସଂଘ ପରିବାର ଯେମିତି ସେତେବେଳେ ଏକମାତ୍ର ଖାଣ୍ଟି 'ଅଖଣ୍ଡ ଭାରତୀ' ଥିଲେ ଓ ଅନ୍ୟମାନଙ୍କ ପାଇଁ ଦେଶ ଖଣ୍ଡଖଣ୍ଡ ହୋଇଗଲା । ଏହି ଲେଖକଙ୍କ ସମେତ ଯେଉଁମାନେ ଭାରତ ବିଭାଜନ ପରେ ଜନ୍ମିଛନ୍ତି, ସେମାନଙ୍କ ପକ୍ଷେ ପ୍ରକୃତ କଥା ଜାଣିବା ପାଇଁ ପ୍ରାକ୍-ବିଭାଜନ ସମୟର ନେତୃବର୍ଗଙ୍କ ଲେଖା, ଭାଷଣ ଓ କାର୍ଯ୍ୟକଳାପକୁ ଏକ ସତ୍ୟାନୁସନ୍ଧାନୀ ମନ ନେଇ ପୁନଃଅନୁଧ୍ୟାନ କରିବା ଛଡା ଆଉ କିଛି ଉପାୟ ଅଛି କି ? ଏହି ଲେଖକ ମତରେ ଦ୍ୱିଜାତି ତତ୍ତ୍ୱ କି ଭାରତ ବିଭାଜନ, ଯାହାକି ଇତିହାସର ଅଲଂଘ୍ୟ ବାସ୍ତବତାରେ ପରିଣତ ହୋଇସାରିଛି, ଏବେ ତହିଁର ଭଲମନ୍ଦ ବିଚାର କରିବା ଧୃଷ୍ଟତା ମାତ୍ର । କିନ୍ତୁ ସେଇ ଇତିହାସ ସମ୍ବନ୍ଧରେ ଯିଏ ଯାହା କହୁଛି, ତାହା କେତେଦୂର ପର୍ଯ୍ୟାପ୍ତ କି ଖଣ୍ଡିତ, ଅବିକଳ କି ରଙ୍ଗାୟିତ, ସେକଥା ଏହି ଭାରତୀୟ ଉପମହାଦେଶର ପ୍ରତି ସଚେତନ ନାଗରିକ ବିଚାର କରିପାରିବେ ଓ କରିବା ଉଚିତ୍ ମଧ୍ୟ ।

## ଦ୍ୱିଜାତି ତତ୍ତ୍ୱର ଆଦିଗୁରୁମାନେ

ଜଣଶୁଣା ଓ ପୁରୁଖା ସାମ୍ବାଦିକ ଶ୍ରୀ ଖୁଶ୍‌ୱନ୍ତ ସିଂଙ୍କ ଭାଷାରେ, "ଯଦି ପଚରାଯାଏ, କିଏ ଦ୍ୱିଜାତି ତତ୍ତ୍ୱ ପ୍ରବର୍ତ୍ତନ କରିଥିଲେ ?, ତେବେ ଯେ କୌଣସି ଭାରତୀୟ ବା ପାକିସ୍ଥାନୀ ସଙ୍ଗେ ସଙ୍ଗେ କହିବେ- ମହମ୍ମଦ ଅଲି ଜିନ୍ନା । କିନ୍ତୁ ଏହା ଠିକ୍ ନୁହେଁ । ହିନ୍ଦୁ ଓ ମୁସଲମାନ ହେଉଛନ୍ତି ୨ଟି ଅଲଗା ଜାତି- ଏକଥା ସବୁଠୁଁ ଜୋର୍ ଦେଇ କହିବା ଲୋକ ହେଉଛନ୍ତି ଭି.ଡି,ସଭାରକାର . . . । ଏହି ଦ୍ୱିଜାତି ତତ୍ତ୍ୱକୁ ଅନ୍ୟ ଯେଉଁ ହିନ୍ଦୁ ନେତାମାନେ ଆପଣେଇ ନେଇଥିଲେ, ସେମାନଙ୍କ ଭିତରେ ଥିଲେ ହିନ୍ଦୁ ମହାସଭାର ଡକ୍ଟର ମୁଞ୍ଜେ, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ପଣ୍ଡିତ ମଦନମୋହନ ମାଲବ୍ୟ, ଲାଲା ଲଜପତ୍ ରାୟ, ଭାଇ ପରମାନନ୍ଦ ଓ ସ୍ୱାମୀ ଶ୍ରଦ୍ଧାନନ୍ଦ । ବିଶିଷ୍ଟ ବଙ୍ଗାଳୀ ଲେଖକ ବଙ୍କିମ୍ ଚନ୍ଦ୍ର ଚାଟାର୍ଜୀ ମଧ୍ୟ ଏହି ଧାରଣାର ସମର୍ଥକ ଥିଲେ ।" (ନିର୍ମିତ ହିନ୍ଦୁତ୍ୱ , ହିନ୍ଦୁସ୍ଥାନ ଟାଇମ୍‌ସ୍ , ୨୯ ଜୁନ୍, ୨୦୦୨) । ପାଠକେ ଜାଣିଥିବେ, ଲାଲାଜୀହିଁ ୧୯୧୬ରେ ହିନ୍ଦୁ ମହାସଭାର ପ୍ରତିଷ୍ଠା କରିଥିଲେ ସାର୍ ସି. ଶଙ୍କରନ୍ ନାୟାର୍ ଓ ମଦନମୋହନ ମାଲବ୍ୟଙ୍କ ସହାୟତରେ ଏବଂ ଏମାନେ ସମସ୍ତେ କଂଗ୍ରେସ୍ ନେତାରୂପେ ପରିଚିତ ମଧ୍ୟ ହେଉଥିଲେ ।

## ଭାଇ ପରମାନନ୍ଦ

'ଦି ଇଣ୍ଡିପେଣ୍ଡେଣ୍ଟ' ନାମକ ଏକ ଏକ ଇଣ୍ଟରନେଟ୍ ପତ୍ରିକାରେ ବିଶିଷ୍ଟ ଗବେଷକ ଶ୍ରୀ ଯୋଗିନ୍ଦର ସିକନ୍ଦ ତାଙ୍କର 'କ୍ରୁଦ୍ଧ ହିନ୍ଦୁତ୍ୱ ବନାମ ଆଡ୍‌ଭାନୀ ନାଟକ' ପ୍ରବନ୍ଧରେ ଦର୍ଶାଇଛନ୍ତି ଯେ, ଭାରତ ବିଭାଜନର ଧାରଣାର ଜନକ ଜିନ୍ନା ନୁହଁନ୍ତି, ବରଂ ଏହି ଗୌରବର ଅଧିକାରୀ ହେଉଛନ୍ତି, ଜନୈକ ଭାଇ ପରମାନନ୍ଦ, ଯେ କି ହିନ୍ଦୁତ୍ୱ ମତବାଦର ଜଣେ ବଳିଷ୍ଠ ପ୍ରତୀକ ଓ ଏକଦା ହିନ୍ଦୁ ମହାସଭାର ସଭାପତି । ୧୯୦୫ରେ ବ୍ରିଟିଶ୍ ଶାସକମାନେ ବଙ୍ଗ-ଭଙ୍ଗ ଘୋଷଣା କଲାପରେ, ଉତ୍‌କ୍ଷିପ୍ତ ପରମାନନ୍ଦ ଦାବୀ କରିଥିଲେ ଯେ, ସିନ୍ଧୁ ନଦୀର ସୀମା ପରେ ଅବସ୍ଥିତ ଥିବା ଉତ୍ତର-ପଶ୍ଚିମ ସୀମାନ୍ତ ପ୍ରଦେଶ ସମେତ ସମସ୍ତ ଅଞ୍ଚଳ ତଥା ଆଫଗାନିସ୍ଥାନକୁ ନେଇ ଏକ ବୃହତ୍ ମୁସଲମାନ୍ ସାମ୍ରାଜ୍ୟ ଗଢାଯାଉ ଏବଂ ସେସବୁ ଅଞ୍ଚଳରେ ଥିବା ହିନ୍ଦୁମାନେ ସେଠାରୁ ହିନ୍ଦୁସ୍ଥାନକୁ ପଳାଇଆସନ୍ତୁ ତଥା ହିନ୍ଦୁସ୍ଥାନରେ ଥିବା ମୁସଲମାନ୍‌ମାନେ ପ୍ରସ୍ତାବିତ ନୂଆ ମୁସ୍‌ଲିମ୍ ସାମ୍ରାଜ୍ୟକୁ ଚାଲିଯାଇ ସେଠାରେ ସ୍ଥାୟୀଭାବେ ବସବାସ କରନ୍ତୁ । ପ୍ରଣିଧାନ ଯୋଗ୍ୟ, ଭାରତ ବିଭାଜନ ପାଇଁ ଭାଇଜୀଙ୍କ ଏହି ପ୍ରସ୍ତାବ ଆଲାମା ଇକ୍‌ବାଲ୍‌ଙ୍କ ପାକିସ୍ଥାନ ଧାରଣା (୧୯୩୦) ଠାରୁ ପ୍ରାୟ ୨୫ ବର୍ଷ, ରେହମତ୍ ଅଲିଙ୍କ ପାକିସ୍ଥାନ କଳ୍ପନା (୧୯୩୩) ଠାରୁ ପ୍ରାୟ ୨୮ବର୍ଷ ଓ ଜିନ୍ନାଙ୍କ ମୁସ୍‌ଲିମ୍ ଲିଗ୍ ଦ୍ୱାରା ଲାହୋରଠାରେ ଉପସ୍ଥାପିତ ପାକିସ୍ଥାନ ପ୍ରସ୍ତାବ(୧୯୪୦) ଠାରୁ ୩୫ବର୍ଷରୁ ଅଧିକ ପୁରୁଣା ଥିଲା । ତା'ପରେ ୧୯୨୩ରେ ଏକ କ୍ଷୁଦ୍ର ପୁସ୍ତିକାରେ ଭାଇ ପରମାନନ୍ଦ ଚିବର୍ ସାଂପ୍ରଦାୟିକ ଭିତ୍ତିରେ ଦେଶ ବିଭାଜନର ପ୍ରସ୍ତାବ ଦେଇଥିଲେ । ପୁଣି ୧୯୩୮ରେ ହିନ୍ଦୁ ମହାସଭା ଅଧିବେଶନରେ ସେ ତାଙ୍କ ସଭାପତି ଅଭିଭାଷଣରେ କହିଥିଲେ, "ଜିନ୍ନା ଯୁକ୍ତି କରୁଛନ୍ତି ଯେ, ଦେଶରେ ଦୁଇଟି ଜାତି ଅଛନ୍ତି । ମୋର ବିଶ୍ୱାସ, ସେ ଠିକ୍ କହୁଛନ୍ତି । ଯଦି ଜିନ୍ନା ଠିକ୍ ତେବେ ଭାରତକୁ ଗୋଟିଏ ଏକୀଭୂତ ଜାତି ଭାବେ ଗଢି ତୋଳିବା ପାଇଁ କଂଗ୍ରେସ୍ ଯେଉଁ ତତ୍ତ୍ୱ ପ୍ରଚାର କରୁଛି, ତାହା ନିରର୍ଥକ । ବର୍ତ୍ତମାନ ପରିସ୍ଥିତିରେ କେବଳ ଦୁଇଟି ବାଟ ଅଛି । ଗୋଟିଏ ହେଲା, ଦେଶକୁ ଦୁଇଭାଗ କରିବା, ଅନ୍ୟଥା, ହିନ୍ଦୁରାଷ୍ଟ୍ର ଭିତରେ ହିଁ ଏକ ମୁସ୍‌ଲିମ୍ ରାଷ୍ଟ୍ରକୁ ବଢେଇ ଚାଲିବାର ସୁଯୋଗ ଦେବା ।" ଭାଇଜୀଙ୍କର ଭାରତ ବିଭାଜନ ପାଇଁ ଏତାଦୃଶ ଲଗାତାର ତଥା ବଳିଷ୍ଠ ଓକିଲାତିକୁ ସ୍ୱୀକୃତି ଦେବାକୁ ଯାଇ ୧୯୬୬ରେ ପ୍ରକାଶିତ ହିନ୍ଦୁ ମହାସଭାର ଇତିହାସରେ କୁହାଯାଇଛି, "ପ୍ରଥମ ଅବସ୍ଥାରେ ହିନ୍ଦୁ-ମୁସଲମାନ ସମସ୍ୟାକୁ ଭାଇଜୀ(ପରମାନନ୍ଦ)ଙ୍କ ଠାରୁ ଆଉ କେହି ଅଧିକ ଭଲରୂପେ ବୁଝିପାରି ନଥିଲେ" ।

## ଲାଲା ଲଜ୍‌ପତ୍ ରାୟ

ପଣ୍ଡିତ ସୁନ୍ଦରଲାଲ, ଯେ କି ଗାନ୍ଧିଙ୍କ ଘନିଷ୍ଠ ବନ୍ଧୁ ଥିଲେ ତଥା ୬ବର୍ଷ କାଳ ଲାଲାଜୀଙ୍କର ମୁଖ୍ୟ ସଚିବ ଥିଲେ, ସେ ତାଙ୍କର ଏକ ପ୍ରବନ୍ଧରେ ଦାବୀ କରିଛନ୍ତି, "ହିନ୍ଦୁ-

ମୁସଲମାନ ସମସ୍ୟା ସମାଧାନ ପାଇଁ ଭାରତକୁ ହିନ୍ଦୁ ଇଣ୍ଡିଆ ଓ ମୁସ୍‌ଲିମ୍ ଇଣ୍ଡିଆରେ ବିଭାଜନ କରିବାର ପରିକଳ୍ପନା ପ୍ରଥମେ ଲାଲ ଲଜ୍‌ପତ୍ ରାୟଙ୍କ ମୁଣ୍ଡକୁ ଜୁଟିଥିଲା । ଜିନ୍ନା ବିଭାଜନ ପ୍ରସ୍ତାବ ଉଠାଇବାର ବହୁ ପୂର୍ବରୁ ରାୟ ପରାମର୍ଶ ଦେଇଥିଲେ ଯେ, ସୀମାନ୍ତ ପ୍ରଦେଶ ତଥା ପଞ୍ଜାବର ମୁସ୍‌ଲିମ୍-ଅଧ୍ୟୁଷିତ ଅଞ୍ଚଳଗୁଡ଼ିକୁ ଭାରତରୁ ବିଚ୍ଛିନ୍ନ କରି ଗୋଟିଏ ଏକୀଭୂତ ମୁସ୍‌ଲିମ୍ ଶାସନ ଅଧୀନକୁ ନିଆଯିବା ଦରକାର । ଦେଶର ବାକୀତକ ଅଂଶ ହିନ୍ଦୁ ଇଣ୍ଡିଆ ଭାବେ ତିଷ୍ଠି ରହିବ । ସେତେବେଳେ ଭାରତର ଅଧିକାଂଶ ମୁସ୍‌ଲିମ୍ ନେତା ଏହି ପ୍ରସ୍ତାବକୁ କେବଳ ଯେ ହସି ଉଡେଇଦେଲେ ତାହା ନୁହେଁ, ସେମାନେ ଏହାକୁ ଦେଶରୁ ମୁସ୍‌ଲିମ୍‌ମାନଙ୍କୁ ତଡ଼ି ଦେବାର ଏକ ଷଡଯନ୍ତ୍ର ବୋଲି ମଧ୍ୟ ମନେ କଲେ ।" ଏହାଛଡ଼ା ଭାଇଜୀଙ୍କ ସହ ଲାଲାଜୀଙ୍କର ଦୀର୍ଘକାଳ ଧରି ଘନିଷ୍ଠତା ଥିଲା । ସେ ଭାଇଜୀଙ୍କ ପ୍ରସ୍ତାବିତ ଅଲଗା ଅଲଗା ହିନ୍ଦୁ ଓ ମୁସ୍‌ଲିମ୍ ସାମ୍ରାଜ୍ୟ ଗଠନ ସପକ୍ଷରେ ପଞ୍ଜାବରୁ ପ୍ରକାଶିତ ଟ୍ରିବ୍ୟୁନ୍ ପତ୍ରିକାରେ ୧୯୨୪ରେ ଏକାଧିକ ଲେଖା ପ୍ରକାଶ କରିଥିଲେ । ଯଦିଓ ଏକଥା ସତ, ଭାବୀ ସମ୍ବିଧାନ ସମ୍ବନ୍ଧରେ ମୋତିଲାଲ ନେହେରୁ ରିପୋର୍ଟ (୧୯୨୭)କୁ ଲାଲାଜୀ ସମର୍ଥନ କରିବା ଫଳରେ ଭାଇଜୀଙ୍କ ସହ ତାଙ୍କର ଅପତ ହୋଇଥିଲା ।

**ବୀର ସଭାରକର**

ଯେମିତି ଇକ୍‌ବାଲ୍ ଓ ରେହମତ୍ ଅଲିଙ୍କ ପାକିସ୍ଥାନ କଳ୍ପନାକୁ ରାଜନୈତିକ ସ୍ତରରେ ସାଂଗଠନିକ ରୂପ ଦେଲେ ମହମ୍ମଦ ଅଲି ଜିନ୍ନା, ଠିକ୍ ସେହିପରି ଭାଇଜୀ ଓ ଲାଲାଜୀ ପ୍ରମୁଖ ହିନ୍ଦୁତ୍ୱବାଦୀ ନେତାଙ୍କ ଦ୍ୱିଜାତି ରାଷ୍ଟ୍ର ଭାବନାକୁ ଚଳନ୍ତି ରାଜନୀତିର ଜାତୀୟ ସ୍ରୋତ ଭିତରକୁ ଟାଣି ଆଣିପାରିଥିଲେ ହିନ୍ଦୁ ମହାସଭାର ବିଶିଷ୍ଟ ଦିଗଦର୍ଶକ ଓ ସଭାପତି (୧୯୩୭-୪୨) ବିନାୟକ ଦାମୋଦର ସାଭରକର । ସେ ୧୯୩୭ରେ ଅହମଦାବାଦରେ ଅନୁଷ୍ଠିତ ହିନ୍ଦୁ ମହାସଭାର ୧୯ତମ ଅଧିବେଶନରେ ତାଙ୍କର ସଭାପତି ଅଭିଭାଷଣରେ କହିଥିଲେ, "ବସ୍ତୁତଃ ଇଣ୍ଡିଆରେ ଏକାଧାରାରେ ଦୁଇଟି ପରସ୍ପର ବିରୋଧୀ ଜାତି ବାସ କରୁଛନ୍ତି । ଭାରତ ଏକ ଅଖଣ୍ଡ ଓ ସମଭାବ ଜାତିରେ ପରିଣତ ହୋଇଗଲାଣି ବା ଆମେ ଚାହିଁଲେ ଏହା ଭବିଷ୍ୟତରେ ହୋଇ ପାରିବ- ଏଭଳିଆ ଅବାନ୍ତର କଥା ଯେଉଁ ରାଜନେତାମାନେ କହନ୍ତି, ବୁଝିବାକୁ ହେବ, ବୁଦ୍ଧିରେ ସେମାନଙ୍କର ନାବାଳକତ୍ୱ କଟିନି । ଭାରତକୁ ଗୋଟିଏ ଅଖଣ୍ଡ ଏବଂ ସମରୂପ ରାଷ୍ଟ୍ର ବୋଲି କୁହାଯାଇ ପାରିବ ନାହିଁ , ବରଂ ଏଠାରେ ମୁଖ୍ୟତଃ ୨ଟି ଜାତି ଅଛନ୍ତି, ହିନ୍ଦୁ ଓ ମୁସଲମାନ ।" (ସ୍ୱତନ୍ତ୍ରତା ବୀର ସଭାରକାର ରଚନାବଳୀ, ଷଷ୍ଠ ଖଣ୍ଡ, ପୃଷ୍ଠା-୨୯୬, ମହାରାଷ୍ଟ୍ର ପ୍ରାନ୍ତୀୟ ହିନ୍ଦୁ ମହାସଭା, ପୁନା) । ଉଲ୍ଲେଖଯୋଗ୍ୟ, ସେହି ଅଧିବେଶନରେ ହିଁ ହିନ୍ଦୁ ଓ ମୁସଲମାନ ୨ଟି ଅଲଗା ଜାତି ବୋଲି ଆନୁଷ୍ଠାନିକ ଭାବେ ପ୍ରସ୍ତାବ ଗୃହୀତ ହୋଇଥିଲା ।

**ହିନ୍ଦୁ ମହାସଭା ଓ ମୁସ୍‌ଲିମ୍ ଲିଗ୍ କୋଳାକୋଳି**

କେବଳ ସେତିକି ନୁହେଁ, ବିସ୍ମୟକର ଲାଗିଲେ ବି ସତ ; ୧୯୪୨ରେ ହିନ୍ଦୁ ମହାସଭା ଓ ମୁସ୍‌ଲିମ୍ ଲିଗ୍ ମିଳିତ ମନ୍ତ୍ରୀମଣ୍ଡଳ ଗଢ଼ିଥିଲେ, ସିନ୍ଧ୍ ଓ ବଙ୍ଗଳାରେ । ହିନ୍ଦୁ ମହାସଭା ସଭାପତି ସଭାରକାର ଗର୍ବ ସହକାରେ କହିଥିଲେ, "ଚଳନ୍ତି ରାଜନୀତିରେ ଆବଶ୍ୟକମତେ ଆପୋଷ କରି କିପରି ଆଗେଇବାକୁ ହୁଏ, ତାହା ମହାସଭାକୁ ଜଣା । ଉଦାହରଣ ଭାବେ ସିନ୍ଧ୍ ଘଟଣାକୁ ଧରାଯାଉ । ସିନ୍ଧ୍‌ରେ ମହାସଭା ନିମନ୍ତ୍ରଣ ପାଇବାମାତ୍ରେ ଲିଗ୍ ସହିତ ହାତ ମିଳାଇଛି, ମିଳିତ ସରକାର ଚଳାଇ ରଖିବାକୁ । ବଙ୍ଗଳାର କଥା ଆପଣମାନଙ୍କୁ ଭଲଭାବେ ଜଣା । ଯେଉଁ ବେପରୁଆ ଲିଗ୍ ନେତାମାନଙ୍କୁ କଂଗ୍ରେସ ଶତଚେଷ୍ଟା କରି ମନେଇ ପାରିଲା ନାହିଁ, ସେମାନେ କିନ୍ତୁ ହିନ୍ଦୁ ମହାସଭା ସଂପର୍କରେ ଆସିଲା ମାତ୍ରେ ସଙ୍ଗେସଙ୍ଗେ ଆପୋଷମୁଖୀ ଓ ସୌଜନ୍ୟପୂର୍ଣ୍ଣ ଆଚରଣ ଦେଖାଇଲେ । ମିଷ୍ଟର ଫଜ୍‌ଲୁଲ୍ ହକ୍‌ଙ୍କ ପ୍ରଧାନମନ୍ତ୍ରୀତ୍ୱ ଓ ସମ୍ମାନିତ ମହାସଭା ନେତା ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ନେତୃତ୍ୱରେ ଏକ ମିଳିତ ସରକାର ସେଠାରେ ପ୍ରାୟ ବର୍ଷେକାଳ ଚାଲିପାରିଲା ଏବଂ ତଦ୍ୱାରା ଉଭୟ ସଂପ୍ରଦାୟ ଲାଭବାନ୍ ହୋଇପାରିଲେ ।" (ସ୍ୱତନ୍ତ୍ରତା ବୀର ସଭାରକାର ରଚନାବଳୀ, ୪ର୍ଥ ଖଣ୍ଡ, ପୃଷ୍ଠା-୪୭୯-୪୮୦, ମହାରାଷ୍ଟ୍ର ପ୍ରାନ୍ତୀୟ ହିନ୍ଦୁସଭା, ପୁନା) । ୧୫ ଅଗଷ୍ଟ ୧୯୪୩ ରେ ସଭାରକାର (୧୮୮୩-୧୯୬୬) ଘୋଷଣା କରିଥିଲେ, "ଜିନ୍ନାଙ୍କର ଦୁଇଜାତି ତତ୍ତ୍ୱ ସହିତ ମୋର କୌଣସି ବିରୋଧ ନାହିଁ । ଆମେ ହିନ୍ଦୁମାନେ ଆମ ନିଜ ବଳରେ ଗୋଟିଏ ସ୍ୱତନ୍ତ୍ର ଜାତି । ଏବଂ ଏହା ଏକ ଐତିହାସିକ ସତ୍ୟ ଯେ, ହିନ୍ଦୁ ଓ ମୁସଲମାନ ହେଉଛନ୍ତି ଦୁଇଟି ଅଲଗା ଜାତି ।" (ଇଣ୍ଡିଆନ୍ ଏଡୁକେସନାଲ ରେଜିଷ୍ଟର, ୧୯୪୩, ଖଣ୍ଡ-୨, ପୃଷ୍ଠା-୧୦) ।

**'ଅଖଣ୍ଡ ଭାରତ'ର ସଂଘୀୟ ଅର୍ଥ**

ପ୍ରଶ୍ନ ଉଠିପାରେ, ହିନ୍ଦୁ ମହାସଭା ଦ୍ୱିଜାତି ତତ୍ତ୍ୱ ଓ ଭାରତ ବିବାଜନ କଥା ବରାବର କହି ଆସିବା ସହିତ ଯେଉଁ ଅଖଣ୍ଡ ଭାରତ କଥା କହୁଥିଲା ବା ଏବେ ଯାହାକୁ ସଂଘ ପରିବାର କହୁଛି, ତା'ର ଅସଲ ତାତ୍ପର୍ଯ୍ୟ କ'ଣ ? ଡକ୍ଟର ବି.ଆର୍. ଆମ୍ବେଦକର ତାଙ୍କର 'ପାକିସ୍ଥାନ ନା ଭାରତ ବିଭାଜନ' (୧୯୪୬) ଶୀର୍ଷକ ସନ୍ଦର୍ଭରେ ଏହା ସମ୍ବନ୍ଧରେ ଏକ ଚମତ୍କାର ବ୍ୟାଖ୍ୟା ଦେଇଛନ୍ତି । ତାଙ୍କ ଭାଷାରେ, "ଭାରତରେ ୨ଟି ଜାତି ଅଛନ୍ତି ବୋଲି ସାଭରକର କହୁଥିଲେ ହେଁ, ଭାରତକୁ ୨ଭାଗ କରିବାକୁ ଅର୍ଥାତ୍, ଗୋଟିଏ ଭାଗ ହିନ୍ଦୁକୁ ଓ ଆଉ ଗୋଟିଏ ଭାଗ ମୁସଲମାନକୁ ଦେବାକୁ ସେ ରାଜି ନୁହଁନ୍ତି । ତାଙ୍କର ଉଦ୍ଦେଶ୍ୟ ହେଲା, ୨ଟି ଜାତି ଗୋଟିଏ ଦେଶରେ ବାସ କରିବେ ଏବଂ ଗୋଟିଏ ସମ୍ବିଧାନ ଦ୍ୱାରା ପରିଚାଳିତ ହେବେ । କିନ୍ତୁ ସମ୍ବିଧାନଟି ଏପରି ହେବ ଯେ, ହିନ୍ଦୁ ଜାତି ତା'ର ନ୍ୟାଯ୍ୟ ପ୍ରାଧାନ୍ୟ ଉପଭୋଗ କରିପାରୁଥିବ ଏବଂ ମୁସ୍‌ଲିମ୍ ଜାତି ହିନ୍ଦୁ ଜାତି ସହିତ ବଶ୍ୟତାପୂର୍ଣ୍ଣ ସହଯୋଗିତାର ସଂପର୍କ ପାଳନ କରୁଥିବ ।" କିନ୍ତୁ ବର୍ତ୍ତମାନ ଆମେ ଶେଷରେ ଶୁଣିବା ମାଧବ ସଦାଶିବ ଗୋଲ୍‌ଓ୍ୱାକରଙ୍କୁ, ଯେ କି ସେତେବେଳେ ଆର୍.ଏସ୍.ଏସ୍.ର ସରଚାଳକ ଥିଲେ ଓ ଯାହାଙ୍କୁ ଶୁଣିଲାପରେ ସଂଘ-ସଂଜ୍ଞାୟିତ 'ଅଖଣ୍ଡ ଭାରତ'ର ଅସଲ ମତଲବ୍ ସମ୍ବନ୍ଧରେ ଆଉ କୌଣସି ସନ୍ଦେହ ରହିବନି- "ହିନ୍ଦୁସ୍ଥାନରେ ଥିବା ଅଣହିନ୍ଦୁ ଲୋକଙ୍କ ଆଗରେ ୨ଟି ବିକଳ୍ପ ଅଛି, ସେମାନେ ହୁଏତ୍ ହିନ୍ଦୁ ସଂସ୍କୃତି ଓ ଭାଷାକୁ ଗ୍ରହଣ କରିନେବେ ତଥା କେବଳ ହିନ୍ଦୁ ଜାତୀୟତା ଓ ଧର୍ମର ଜୟଗାନ୍ କରିବେ; ନଚେତ୍ ହିନ୍ଦୁଜାତି ନିକଟରେ ନତମସ୍ତକ ହୋଇ ରହିବେ, ସେମାନେ କୌଣସି ପ୍ରକାର ଦାବୀ ଉଠେଇବେନି କିମ୍ବା କୌଣସି ସ୍ୱତନ୍ତ୍ର ସୁବିଧା ଚାହିଁବେନି, ଅନ୍ୟମାନଙ୍କ ଠାରୁ ଭିନ୍ନ କୌଣସି ବ୍ୟବସ୍ଥା ସେମାନଙ୍କ ପାଇଁ କରାଯିବନି, ଏପରିକି ସେମାନଙ୍କୁ ନାଗରିକ ଅଧିକାର ମଧ୍ୟ ଦିଆଯିବନି ।" ( ଆମେ ଓ ଆମର ରାଷ୍ଟ୍ରୀୟତାର ଏକ ସଂଜ୍ଞାୟନ, ୧୯୩୮) ।

Chitta Behera, 4A Jubilee Tower, Choudhury Bazar, Cuttack-9, PH: 2623518 dated 26.6.2005